# ଚନ୍ଦ୍ର ଓ ପ୍ରିୟା

ଚନ୍ଦ୍ରମା ତୁମ ଅଙ୍ଗ ବଲ୍ଲରୀରୁ
ଦେବ କି ଟିକିଏ ଜ୍ୟୋତ୍ସ୍ନା ?
ନରମ ନରମ ମୋ ପ୍ରିୟା ତନୁରେ
ଲେପି ଆମୋଦିବି ବାସ୍ନା ।

ଜ୍ୟୋତ୍ସ୍ନା ଶୀତଳ ଅଙ୍ଗ ଧବଳ
ଶାନ୍ତ କମନୀୟ ମୂର୍ତ୍ତି
ଯା ଅବଲୋକନେ ପ୍ରିୟାରେ ଶତତ
ଜାଗିବ ଅନନ୍ତ ଧୃତି ।

ଚନ୍ଦ୍ରା ଶୀତଳ କ୍ଳାନ୍ତ ଅଚଳ
ସଚଳ ଆଲୋକେ ଦୀପ୍ତ
ସୁନୀଳ ସାଗର ସବୁଜ ବନାନୀ
ଦୀପ୍ତ ଆଲୋକେ ବ୍ୟାପ୍ତ ।

ପୂର୍ଣ୍ଣିମା ନିଶି ଆଲୋକିତ ଦିଶି
ଚନ୍ଦ୍ରିକା ଉପମାନ
ମୋ ପ୍ରିୟାର ମୁଖ ସେ ଆଲୋକେ ଦୀପ୍ତ
ସୁନ୍ଦର ରୂପାୟନ ।

ନିର୍ମଳ ତଡ଼ାଗେ କୁମୁଦ କୁମୁଦେ
ମତ୍ତ କୌମୁଦୀ ପାନେ
ନିର୍ମଳ ନଭେ କୁମୁଦ ବନ୍ଧୁ
ମତ୍ତ ଚନ୍ଦ୍ରିକା ଦାନେ ।

ଚନ୍ଦ୍ର ଶୀତଳ ଛାୟା ମଞ୍ଜୁଳ
ପ୍ରିୟା କୁନ୍ତଳ ଦଳ
ଅମାବାସ୍ୟାର କୃଷ୍ଣ ବିଭାବ
ମୋ ପ୍ରିୟା ଚୂର୍ଣ୍ଣ କୁନ୍ତଳ ।

ପ୍ରିୟାର କବରୀ ପ୍ରିୟାର ନୟନ
ଅମାବାସ୍ୟାର ଜହ୍ନ
ମୋ ପ୍ରିୟାର ମୁଖ ଅଙ୍ଗ ବଲ୍ଲରୀ
ପୂର୍ଣ୍ଣମୀ ଜ୍ୟୋତ୍ସ୍ନା ପ୍ଲାବନ ।

ଆସ ଆସ ଜହ୍ନ ପ୍ରିୟାର ଅଂଗେ
ଦିଅ ଶୀତଳ ପରଶ
କୋମଳ ଶୁଭ୍ର ଆଲୋକ ପରଶେ
ଝଲକାଇ ଦଶ ଦିଶ ।